ଗ୍ରାମୀଣ କୃଷି ମୌସମ ସେବା

ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. – *ମାଲକାନଗିରି*

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

*କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି,*

*ମୁଣ୍ଡାଗୁଡ଼ା, ପୋ.+ଜିଲ୍ଲା – ମାଲକାନଗିରି, ଓଡ଼ିଶା- ୭୬୪୦୪୫*


ସପ୍ତାହ କ୍ର.ସଂ.- ୧୪ **ପାଣିପାଗ ଜନିତ କୃଷି ଉପଦେଶ** ତାରିଖ – ୦୫.୦୪.୨୦୨୪

## ଜିଲ୍ଲା- ମାଲକାନଗିରି (ସାଉଥ ଇଷ୍ଟର୍ନ ଘାଟ ଜୋନ)

| ଗତ ଚାରି ଦିନର ପାଣିପାଗ ଅବସ୍ଥା | | | | |
|---|---|---|---|---|
| ତାରିଖ | ୦୧.୦୪.୨୦୨୪ | ୦୨.୦୪.୨୦୨୪ | ୦୩.୦୪.୨୦୨୪ | ୦୪.୦୪.୨୦୨୪ |
| ବୃଷ୍ଟିପାତ (ମି.ମି.) | ୦.୦ | ୦.୦ | ୦.୦ | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୪୦ | - | ୪୨ | ୪୨ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୨୬ | - | ୨୭ | ୨୭ |

## ଆସନ୍ତା ପାଞ୍ଚ ଦିନର (୦୬.୦୪.୨୦୨୪ ଠାରୁ ୧୦.୦୪.୨୦୨୪) ପାଣିପାଗର ପୂର୍ବାନୁମାନ

(ଏମ.ସି., ଆଇ.ଏମ.ଡି., ଭୁବନେଶ୍ୱର ଅନୁଯାୟୀ)

ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆକାଶ ମୁଖ୍ୟତଃ ପରିଷ୍କାର ରୁ ସାଧାରଣତଃ ମେଘୁଆ ପାଗ ରହିବ । ୦୮ ରୁ ୧୦ ଏପ୍ରିଲ ଅତିସ୍ୱଳ୍ପ ରୁ ସ୍ୱଳ୍ପ ମାତ୍ରାରେ ବର୍ଷା ହେବାର ସମ୍ଭାବନା ଅଛି ଏବଂ ୦୬ ରୁ ୦୭ ଏପ୍ରିଲ ବର୍ଷା ହେବାର ସମ୍ଭାବନା ନାହିଁ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରା ୩୭ ରୁ ୪୩ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୨୪ ରୁ ୨୮ ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି। ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୪୪ ରୁ ୭୩ ଏବଂ ୧୪ ରୁ ୨୫ ଭାଗ ରହିବାର ସମ୍ଭାବନା ଅଛି।

| ତାରିଖ | ବୃଷ୍ଟିପାତ (ମି.ମି.) | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ମେଘାଛନ୍ନ | ସର୍ବାଧିକ ଆର୍ଦ୍ରତା (%) | ସର୍ବନିମ୍ନ ଆର୍ଦ୍ରତା (%) | ପବନର ବେଗ (କି.ମି./ଘଣ୍ଟା) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|
| ୦୬.୦୪.୨୦୨୪ | ୦ | ୪୩ | ୨୮ | ୧ | ୪୪ | ୧୭ | ୭ | ୨୨୫ |
| ୦୭.୦୪.୨୦୨୪ | ୦ | ୪୨ | ୨୭ | ୨ | ୪୬ | ୧୪ | ୬ | ୧୬୯ |
| ୦୮.୦୪.୨୦୨୪ | ୬ | ୪୦ | ୨୫ | ୩ | ୫୪ | ୧୮ | ୬ | ୧୫୦ |
| ୦୯.୦୪.୨୦୨୪ | ୧୨ | ୩୮ | ୨୪ | ୪ | ୭୩ | ୨୨ | ୯ | ୬୮ |
| ୧୦.୦୪.୨୦୨୪ | ୨ | ୩୭ | ୨୪ | ୬ | ୫୩ | ୨୫ | ୪ | ୧୧୭ |

## ପାଣିପାଗ ଭିତ୍ତିକ କୃଷି ଉପଦେଶ

ସାଧାରଣ:

- ଶେଷ ଓଡ଼ ଚାଷ ସମୟରେ ଜମିରେ ସଢା ଗୋବର ଖତ ଅଥବା ଜିଆ ଖତ ପ୍ରୟୋଗ କରନ୍ତୁ ।
- ଯେକୌଣସି ଫସଲ ରୋଇବା ପୂର୍ବରୁ ନିକଟବର୍ତ୍ତୀ ମୃତ୍ତିକା ପରିକ୍ଷା କେନ୍ଦ୍ରରେ ମାଟି ପରୀକ୍ଷା କରନ୍ତୁ ।
- ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡରେ ଉଲ୍ଲେଖ କରାଯାଇଥିବା ମାଟି ପରୀକ୍ଷା ଭିତ୍ତିକ ସୁପାରିଶ ଅନୁଯାୟୀ ସମସ୍ତ ଫସଲରେ ସନ୍ତୁଳିତସାର ପ୍ରୟୋଗ କରନ୍ତୁ।

ଧାନ:

- ବର୍ତ୍ତମାନ ପାଗରେ ଧାନ ଜମିରେ ମହିଷା ରୋଗ ଦେଖାଦେଇପାରେ, ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୪ ଗ୍ରାମ୍ ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. କିମ୍ବା ୧ ମି.ଲି. ଏଜୋକ୍ସିଷ୍ଟ୍ରୋବିନ୍ ୧୬.୭% + ଟ୍ରାଇସାଇକ୍ଲାଜୋଲ୍ ୩୩.୩% ଏସ୍.ସି. ମିଶାଇ ପରିଷ୍କାର ଏବଂ ଶୁଖିଲା ପାଗ ଦେଖିକି ସିଞ୍ଚନ କରନ୍ତୁ ।
- ମେଘୁଆ ପାଗ ଏବଂ ବର୍ଷା ହେତୁ ଧାନ ଜମିରେ ବ୍ୟାକ୍ଟେରିଆ ଜନିତ ପତ୍ରପୋଡ଼ା ଓ ପତ୍ରଦାଗ ଲାଗିବାର ସମ୍ଭାବନା ଅଛି । ନିୟନ୍ତ୍ରଣ କରିବା ପାଇଁ ପ୍ରତି ୧୦ ଲିଟର ପାଣିରେ ୩୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲ୍ୟୁ.ପି. ଏବଂ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋମାଇସିନ୍ + ଟେଟ୍ରାସାଇକ୍ଲିନ୍ (୯୦+୧୦) ମିଶାଇ ପରିଷ୍କାର ପାଗ ଦେଖିକି ସିଞ୍ଚନ କରନ୍ତୁ ।

ଚିନାବାଦାମ:

- ବର୍ଷା ପରେ ଚିନାବାଦାମ ଜମିରେ ଧୂଆଁ ପତ୍ର ଗୋଟିପୋକ ଏବଂ ନାଲି ସଁବାଳୁଆ ପୋକ ଦେଖାଦେଇପାରେ । ଏଗୁଡ଼ିକୁ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ ୫୦% ଇ.ସି. କିମ୍ବା ୦.୨ ମି.ଲି. ଫ୍ଲୁବେନଡିଆମାଇଡ୍ ୩୯.୩୫% ଏସ୍.ସି. ମିଶାଇ ପରିଷ୍କାର ପାଗ ଦେଖିକି ସିଞ୍ଚନ କରନ୍ତୁ ।
- ପୂର୍ବାନୁମାନ କରାଯାଇଥିବା ପାଣିପାଗ ହେତୁ ଚିନାବାଦାମ ଫସଲରେ କଳଙ୍କି ରୋଗ ଏବଂ ଟୀକା ରୋଗ ଦେଖାଦେଇପାରେ । ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କ୍ଲୋରୋଥାଲୋନୀଳ ୭୫% ଡବ୍ଲ୍ୟୁ.ପି. କିମ୍ବା ୧.୫ ମି.ଲି ଟେବୁକୋନାଜୋଲ୍ ୨୫.୯% ଇ.ସି ମିଶାଇ ପରିଷ୍କାର ଏବଂ ଶୁଖିଲା ପାଗ ଦେଖିକି ସିଞ୍ଚନ କରନ୍ତୁ ।
- ପୂର୍ବାନୁମାନ କରାଯାଇଥିବା ପାଣିପାଗ ହେତୁ ଚିନାବାଦାମ ଫସଲରେ କାଣ୍ଡସଢ଼ା ରୋଗ ଲାଗିବାର ସମ୍ଭାବନା ଅଛି । ଦେଖାଦେଲେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ୍ ୮% + ମାଙ୍କୋଜେବ୍ ୬୪% ଡବ୍ଲ୍ୟୁ.ପି. ଅଥବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁ.ପି. ମିଶାଇ ପରିଷ୍କାର ଏବଂ ଶୁଖିଲା ପାଗ ଦେଖିକି ସିଞ୍ଚନ କରନ୍ତୁ ।

ମକା:

- ବର୍ତ୍ତମାନ ପାଣିପାଗ ଅବସ୍ଥାରେ ମକା ଜମିରେ ମୂଳ ଓ କାଣ୍ଡ ସଢା ରୋଗ ଦେଖାଦେଇପାରେ, ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ଭାଲିଡାମାଇସିନ୍ ୩% ଏଲ୍ କିମ୍ବା ୧.୫ ଗ୍ରାମ୍ କାର୍ବେନ୍ଡାଜିମ୍ ୫୦% ଡବ୍ଲ୍ୟୁ.ପି. ମିଶାଇ ପରିଷ୍କାର ପାଗ ଦେଖିକି ଦେଖିକି ସିଞ୍ଚନ କରନ୍ତୁ ।

ମୁଗ:

- ବର୍ତ୍ତମାନ ପାଣିପାଗ ଅବସ୍ଥାରେ ମୁଗ ଜମିରେ କଳଙ୍କି ରୋଗ ଦେଖାଦେଇପାରେ, ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କ୍ଲୋରୋଥାଲୋନୀଳ ୭୫% ଡବ୍ଲ୍ୟୁ.ପି. କିମ୍ବା ୧ ମି.ଲି. ଡାଇଫେନୋକୋନାଜୋଲ୍ ୨୫% ଇ.ସି. ମିଶାଇ ପରିଷ୍କାର ପାଗ ଦେଖିକି ସିଞ୍ଚନ କରନ୍ତୁ ।

ଟମାଟୋ ଓ ବାଇଗଣ:

- ବର୍ତ୍ତମାନ ପାଣିପାଗ ଅବସ୍ଥାରେ ବାଇଗଣ ଓ ଟମାଟୋ ଫସଲରେ ଝାଉଁଳା ରୋଗ ଦେଖାଦେଇପାରେ, ନିୟନ୍ତ୍ରଣ କରିବା ପାଇଁ ପ୍ରତି ୧୦ ଲିଟର ପାଣିରେ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲ୍ୟୁ.ପି. ଏବଂ ୨.୫ ଗ୍ରାମ୍ ଷ୍ଟ୍ରେପ୍ଟୋମାଇସିନ୍ + ଟେଟ୍ରାସାଇକ୍ଲିନ୍ (୯୦+୧୦) ମିଶାଇ ଗଛ ମୂଳକୁ ପରିଷ୍କାର ପାଗ ଦେଖିକି ସିଞ୍ଚନ କରନ୍ତୁ ।
- ଟମାଟୋ ଜମିରେ ଉଚ୍ଛୁର ପତ୍ର ପୋଡ଼ା ରୋଗ ଦେଖାଦେଇପାରେ, ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୧ ମି.ଲି. ଏଜୋକ୍ସିଷ୍ଟ୍ରବିନ୍ ୧୮.୨% + ଡାଇଫେନୋକୋନାଜୋଲ୍ ୧୧.୪% ଏସ୍.ସି. କିମ୍ବା ୨.୫ ଗ୍ରାମ୍ କ୍ୟାପଟନ୍ ୫୦% ଡବ୍ଲ୍ୟୁ.ପି. ମିଶାଇ ପରିଷ୍କାର ଏବଂ ଶୁଖିଲା ପାଗ ଦେଖିକି ସିଞ୍ଚନ କରନ୍ତୁ ।

ଲଙ୍କାମରିଚ:

- ଲଙ୍କା ଜମିରେ ଉକୁଣିଆ ପୋକ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୩ ମି.ଲି. ଥାୟୋମେଥୋକ୍ସାମ୍ ୧୨.୬% + ଲାମଡା ସାଇହେଲୋଥ୍ରିନ୍ ୯.୪% ଜେଟ୍.ସି. କିମ୍ବା ୦.୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଲ୍. ମିଶାଇ ପରିଷ୍କାର ଏବଂ ଶୁଖିଲା ପାଗ ଦେଖିକି ସିଞ୍ଚନ କରନ୍ତୁ ।

କଖାରୁ ଜାତୀୟ ଫସଲ:

- ବର୍ତ୍ତମାନ ପାଣିପାଗ ଅବସ୍ଥାରେ କଖାରୁ ଜାତୀୟ ଫସଲରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଦେଖାଦେଇପାରେ, ଦେଖାଦେଲେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ୍ ୮% + ମାଙ୍କୋଜେବ୍ ୬୪% ଡବ୍ଲ୍ୟୁ.ପି. କିମ୍ବା ୨.୫ ଗ୍ରାମ୍ ଜିନେବ୍ ୭୫% ଡବ୍ଲ୍ୟୁ.ପି. ମିଶାଇ ପରିଷ୍କାର ପାଗ ଦେଖିକି ସିଞ୍ଚନ କରନ୍ତୁ ।

କଖାରୁ ଜାତୀୟ ଫସଲ ଯଥା କାକୁଡ଼ି, ଲାଉ ଓ ତରଭୁଜରେ ନାଲି କଖାରୁ ପୋକ ଲାଗିବାର ସମ୍ଭାବନା ଅଛି, ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୫-୧୦ ମି.ଲି. ଏଜାଡିରକ୍ଟିନ୍ ୦.୦୩% (୩୦୦ ପି.ପି.ଏମ୍.) କିମ୍ବା ୦.୫ ମି.ଲି. ଏଜାଡିରକ୍ଟିନ୍ ୫% କିମ୍ବା ୧.୮ ମି.ଲି. ସାଇଏଣ୍ଟ୍ରାନିଲିପ୍ରୋଲ ୧୦.୨୬% ଓ.ଡି. ମିଶାଇ ଦୁଇଥର ୧୦ ଦିନ ଅନ୍ତରାଳ ସିଞ୍ଚନ କରନ୍ତୁ ।

ବିଶେଷ ଦ୍ରଷ୍ଟବ୍ୟ: ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତ୍ତୀ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଓ ରାଜ୍ୟର କୃଷି ଅଧିକାରୀ/ଉଦ୍ୟାନ କୃଷି ଅଧିକାରୀ ସହିତ ସମ୍ପର୍କ କରନ୍ତୁ।

---

ଡଃ.ପର୍ଶୁରାମ ଶିଅଳ
(ନୋଡାଲ୍ ଅଫିସର, ଜି.କେ.ଏମ୍.ଏସ୍., ମାଲକାନଗିରି)